ଏମ୍ ଡି. ଜିରାଜୁଦ୍ଦିନ ଙ୍କ ଜରିଆରେ ଏମ୍./ଏସ୍. ଲୋଙ୍ଗିଆ ବିରି କମ୍ପାନୀ

ବନାମ

ଭାରତ ସଂଘ ଏବଂ ଅନ୍ୟମାନେ

ନଭେମ୍ବର 2,1995

[କେ. ରାମସ୍ୱାମୀ ଏବଂ ବି. ଏଲ. ହଂସାରିୟା, ନ୍ୟାୟମୂର୍ତ୍ତିଦ୍ୱୟ]

*ଭବିଷ୍ୟନିଧି ପାଣ୍ଠି ବିବିଧ ବ୍ୟବସ୍ଥା ଅଧିନିୟମ, 1952:*

*ଭବିଷ୍ୟନିଧି ପାଣ୍ଠି ଏବଂ କ୍ଷତିର ଦାୟିତ୍ୱ - କର୍ମଚାରୀଙ୍କ ଅଂଶର ଗଣନା - ଭବିଷ୍ୟନିଧି ପାଣ୍ଠି ଆୟୁକ୍ତଙ୍କ ଦ୍ୱାରା ଛାଡ଼ - ଉଲ୍ଲେଖ କରାଯାଇନଥିବା ପରିମାଣ ବ୍ୟତୀତ - ବଳକା ଦାୟିତ୍ୱର ପରିମାଣ ଏବଂ ଦେୟ ସୂଚାଇବା ପାଇଁ ନିର୍ଦ୍ଦେଶ - ଜାରି କରାଗଲା ।*

ପାଟନା ଉଚ୍ଚ ନ୍ୟାୟାଳୟଙ୍କ ରାୟ ବିରୁଦ୍ଧରେ ଏହି ଆବେଦନରେ ଅପିଲକାରୀ ଯୁକ୍ତି ଦର୍ଶାଇଥିଲେ ଯେ ଭବିଷ୍ୟନିଧି ପାଣ୍ଠି ଦାୟିତ୍ୱ ଏବଂ ଭବିଷ୍ୟନିଧି ପାଣ୍ଠି ବିବିଧ ବ୍ୟବସ୍ଥା ଅଧିନିୟମ, 1952 ଅନୁଯାୟୀ କ୍ଷତିର ହିସାବ କରିବା ପୂର୍ବରୁ ତାଙ୍କୁ କୌଣସି ସୁଯୋଗ ଦିଆଯାଇ ନାହିଁ ।

ଅପିଲଟିର ଫଇସଲା କରି, ଏହି ନ୍ୟାୟାଳୟ

ନିର୍ଣ୍ଣୟ କଲେ :1. ଅପିଲକାରୀଙ୍କ ଏକ ନିବେଦନପତ୍ର ଉପରେ ଭବିଷ୍ୟନିଧି ପାଣ୍ଠି ଆୟୁକ୍ତ 1977 ଜୁନ୍ ରୁ 1985 ସେପ୍ଟେମ୍ବର ପର୍ଯ୍ୟନ୍ତ ଭବିଷ୍ୟନିଧି ପାଣ୍ଠି ଯୋଗଦାନର କର୍ମଚାରୀଙ୍କ ଅଂଶର ଦେୟ ପ୍ରଦାନକୁ ଛାଡ କରିଥିଲେ ଏବଂ ତେଣୁ ଅପିଲକାରୀଙ୍କୁ ଉକ୍ତ ରାଶି ଜମା କରିବାର ଦାୟିତ୍ୱରୁ ମୁକ୍ତ କରାଯାଇଥିଲା । ଯେହେତୁ କୌଣସି ରାଶି ସୂଚିତ କରାଯାଇ ନାହିଁ, ତେଣୁ ତାଙ୍କୁ ପୃଥକ ଚିଠି ଦ୍ୱାରା ସୂଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଯେ ଭବିଷ୍ୟନିଧି ପାଣ୍ଠିରେ କର୍ମଚାରୀଙ୍କ ଅଂଶର ଦେୟ ପାଇଁ ଉକ୍ତ ଅବଧି ପାଇଁ ଅପିଲକାରୀଙ୍କ ଦ୍ୱାରା କେତେ ପରିମାଣ ବକେୟା ଏବଂ ଦେୟ ଥିଲା । ଉକ୍ତ ଅର୍ଥରାଶି କାଟିବା ପରେ ଅପିଲକାରୀ 8 ଲକ୍ଷ ଟଙ୍କା ଯାହାକି ପୂର୍ବରୁ ପ୍ରଦାନ ହୋଇସାରିଥିଲା ତାହା ବ୍ୟତୀତ ଅସ୍ଥାୟୀ ଭାବେ ଅତିରିକ୍ତ 10 ଲକ୍ଷ ଟଙ୍କା ପ୍ରଦାନ କରିବେ ।

2. ସମାନ ପ୍ରସଙ୍ଗରେ 1993 ମସିହା ମେ 3 ରେ ଜାରି କରାଯାଇଥିବା ନିର୍ଦ୍ଦେଶକୁ ପାଳନ କରିବା ଏବଂ ଅପିଲକାରୀ ଦାୟିତ୍ୱକୁ ନୂତନ ଭାବରେ ଗଣନା କରିବା ପାଇଁ ଏହି ମାମଲା ଆଞ୍ଚଳିକ

ଭବିଷ୍ୟନିଧି ପାଣ୍ଠି ଆୟୁକ୍ତଙ୍କୁ ପଠାଯାଇଛି । ଯଦି ଦାୟିତ୍ୱ ପୂର୍ବରୁ ଜମା ହୋଇଥିବା ପରିମାଣ ଠାରୁ କମ୍ ହୋଇଯାଏ, ତେବେ ଅପିଲକାରୀ ଭବିଷ୍ୟନିଧି ପାଣ୍ଠି ଆୟୁକ୍ତଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଏହି ଅଭାବ ଭରଣା କରିବେ । ଯଦି ଏହା ଅଧିକ ବୋଲି ଜଣାପଡ଼େ, ତେବେ ଆଞ୍ଚଳିକ ଭବିଷ୍ୟନିଧି ପାଣ୍ଠି ଆୟୁକ୍ତ ଏହି ରାଶି ଫେରସ୍ତ କରିବେ ।

ଦେୱାନୀ ଅପିଲ ଅଧିକରିତା : ଦେୱାନୀ ଅପିଲ ସଂଖ୍ୟା 10273/1995 ।

C.W.J.C ସଂଖ୍ୟା 1904/1989 ପାଟନା ଉଚ୍ଚ ନ୍ୟାୟାଳୟର 1.11.89 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ପ୍ରମୋଦ ସ୍ୱରୂପ ।

ଉତ୍ତରଦାତାମାନଙ୍କ ପାଇଁ ହେମନ୍ତ ଶର୍ମା ଏବଂ ସି. ଭି. ଏସ୍. ରାଓ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ଅପିଲକାରୀଙ୍କ ଆଜ୍ଞାଦେଶ ଆବେଦନକୁ ଖାରଜ କରି C.W.J.C. ସଂଖ୍ୟା 1904/1989 ରେ ପାଟନା ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ବିଚାରପତିଙ୍କ ବିଚାର ପୀଠର 1989 ମସିହା ନଭେମ୍ବର 1 ତାରିଖର ଆଦେଶରୁ ଉତ୍ପନ୍ନ ହୋଇଛି । ଅପିଲକାରୀଙ୍କ ପାଇଁ ବିଜ୍ଞ ଓକିଲ ଯୁକ୍ତି କରିଥିଲେ ଯେ ଅପିଲକାରୀଙ୍କୁ ଭବିଷ୍ୟନିଧି ପାଣ୍ଠି ଦାୟିତ୍ୱ ଏବଂ ଭବିଷ୍ୟନିଧି ପାଣ୍ଠି ବିବିଧ ବ୍ୟବସ୍ଥା ଅଧିନିୟମ, 1952 ଅନୁଯାୟୀ କ୍ଷତିର ହିସାବ କରିବା ପୂର୍ବରୁ କୌଣସି ସୁଯୋଗ ଦିଆଯାଇ ନଥିଲା । ଅପିଲକାରୀଙ୍କ ଦ୍ୱାରା କରାଯାଇଥିବା ଏକ ନିବେଦନପତ୍ର ଉପରେ ପାଟନା ଠାରେ ବିହାରର ଆଞ୍ଚଳିକ ଭବିଷ୍ୟନିଧି ପାଣ୍ଠି ଆୟୁକ୍ତ 1993 ମସିହା ସେପ୍ଟେମ୍ବର 21 ରେ ତାଙ୍କ ଚିଠିରେ ଏହିପରି ଦର୍ଶାଇଛନ୍ତି :

> " ଦୟାକରି ଉଲ୍ଲିଖିତ ବିଷୟ ଉପରେ 27.8.93 ତାରିଖର ଆପଣଙ୍କ ନିବେଦନପତ୍ର ଦେଖନ୍ତୁ ।
>
> ଉପରୋକ୍ତ ଆବେଦନରେ ଆପଣଙ୍କ ଦ୍ୱାରା ଉଠାଯାଇଥିବା ପ୍ରସଙ୍ଗକୁ ବିଧିବଦ୍ଧ ବ୍ୟବସ୍ଥା ସହିତ ବିସ୍ତୃତ ଭାବରେ ଯାଞ୍ଚ କରାଯିବା ଆବଶ୍ୟକ, ଏହି ପ୍ରସଙ୍ଗରେ ନିର୍ଣ୍ଣୟ ହେବା ପର୍ଯ୍ୟନ୍ତ,

ଆପଣଙ୍କୁ ଏତଦ୍ୱାରା ଏହି ନିର୍ଣ୍ଣୟ ସୂଚିତ କରାଯାଏ ଯେ ବର୍ତ୍ତମାନର ନିର୍ଦ୍ଦେଶ ଅନୁଯାୟୀ 6/77 ରୁ 9/85 ଅବଧି ପାଇଁ P.F. ଯୋଗଦାନର କର୍ମଚାରୀଙ୍କ ଅଂଶର ଦେୟ ଛାଡ କରାଯାଇଛି ।ତେବେ ଏହା ସ୍ପଷ୍ଟ କରାଯାଇଛି ଯେ ଅନ୍ୟ ପ୍ରସଙ୍ଗ ସମ୍ବନ୍ଧରେ ଆବେଦନ ପୂର୍ବ ଭଳି ରହିବ ।

1977 ଜୁନ୍ ରୁ 1985 ସେପ୍ଟେମ୍ବର ପର୍ଯ୍ୟନ୍ତ ଅବଧି ପାଇଁ ଭବିଷ୍ୟନିଧି ପାଣ୍ଠି ଯୋଗଦାନର କର୍ମଚାରୀଙ୍କ ଅଂଶର ଦାୟିତ୍ୱର ଦେୟ ଛାଡକୁ ଦୃଷ୍ଟିରେ ରଖି ଅପିଲକାରୀ ଉକ୍ତ ରାଶି ଜମା କରିବାର ଦାୟିତ୍ୱରୁ ମୁକ୍ତ ହୋଇଛନ୍ତି । ସେହି ହିସାବଖାତାରେ ବକେୟା ଥିବା ଅର୍ଥର ପରିମାଣ ଚିଠିରେ ଉଲ୍ଲେଖ କରାଯାଇ ନଥିଲା । ତେଣୁ, ଆଞ୍ଚଳିକ ଭବିଷ୍ୟନିଧି ଆୟୁକ୍ତଙ୍କୁ ପୃଥକ ଚିଠି ଦ୍ୱାରା ସୂଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଯେ ଭବିଷ୍ୟନିଧି ପାଣ୍ଠିରେ କର୍ମଚାରୀଙ୍କ ଅଂଶର ଦେୟ ପାଇଁ ଉକ୍ତ ଅବଧି ପାଇଁ ଅପିଲକାରୀଙ୍କ ଦ୍ୱାରା କେତେ ପରିମାଣ ବକେୟା ଏବଂ ଦେୟ ଥିଲା । ଉକ୍ତ ଅର୍ଥରାଶି କାଟିବା ପରେ, ଅପିଲକାରୀ 8 ଲକ୍ଷ ଟଙ୍କା ଯାହାକି ପୂର୍ବରୁ ପ୍ରଦାନ ହୋଇସାରିଥିଲା ତାହା ବ୍ୟତୀତ ଅସ୍ଥାୟୀ ଭାବେ ଅତିରିକ୍ତ 10 ଲକ୍ଷ ଟଙ୍କା ପ୍ରଦାନ କରିବେ ।1993 ମସିହା ମେ 3 ତାରିଖରେ ଏହି ନ୍ୟାୟାଳୟ ସମାନ ପ୍ରସଙ୍ଗରେ ନିମ୍ନଲିଖିତ ଆଦେଶ ପାରିତ କରିଥିଲେ :

" SLP ଗୁଡ଼ିକୁ ବରଖାସ୍ତ କରାଯାଇଥାଏ । ଆବେଦନକାରୀଙ୍କ ପାଇଁ ବିଡ଼ି ଶ୍ରମିକଙ୍କ ନାମ ସଂଗ୍ରହ କରିବା ଉନ୍ମୁକ୍ତ ଅଛି ଯେଉଁମାନେ ସେମାନଙ୍କ ଠିକାଦାରଙ୍କ ମାଧ୍ୟମରେ ସେମାନଙ୍କ ପାଇଁ କାମ କରନ୍ତି ଏବଂ ସମସ୍ତ ଶ୍ରମିକଙ୍କ ନାମ ଭବିଷ୍ୟନିଧି ପାଣ୍ଠି ଆୟୁକ୍ତଙ୍କୁ ପ୍ରଦାନ କରନ୍ତି । ଏହାପରେ ଭବିଷ୍ୟନିଧି ପାଣ୍ଠି ଆୟୁକ୍ତ ଏହି ନାମଗୁଡ଼ିକୁ ଯାଞ୍ଚ କରିବେ ଏବଂ ଏପରି ଯାଞ୍ଚ ଆଧାରରେ ଆବେଦନକାରୀ ଦାୟିତ୍ୱ ଗଣନା କରିବେ । ଯଦି ଆବେଦନକାରୀଙ୍କ ଠାରୁ କୌଣସି ଅତିରିକ୍ତ ରାଶି ବକେୟା ଥିବା ଜଣାପଡ଼େ, ତେବେ ଭବିଷ୍ୟନିଧି ପାଣ୍ଠି ଆୟୁକ୍ତ ଆବେଦନକାରୀଙ୍କ ଠାରୁ ସେହି ପରିମାଣ ଆଦାୟ କରିବେ, ଅନ୍ୟପକ୍ଷରେ, ଯଦି ଆବେଦନକାରୀ ପାଖରେ କୌଣସି ପରିମାଣ ବକେୟା ଥାଏ, ତେବେ ଭବିଷ୍ୟନିଧି ଆୟୁକ୍ତ ତାହା ଫେରସ୍ତ କରିବେ । ଆବେଦନକାରୀ ଆଜିଠାରୁ ଛଅ ମାସ ମଧ୍ୟରେ ଉପରୋକ୍ତ ଶ୍ରମିକଙ୍କ ନାମ ଦାଖଲ କରିବେ ।

ଏହି ମାମଲାକୁ ଦୃଷ୍ଟିରେ ରଖି, ଉପରୋକ୍ତ ନିର୍ଦ୍ଦେଶକୁ ପାଳନ କରିବା ଏବଂ ଅପିଲକାରୀ ଦାୟିତ୍ୱକୁ ନୂତନ ଭାବରେ ଗଣନା କରିବା ପାଇଁ ମାମଲାଟିକୁ ଆଞ୍ଚଳିକ ଭବିଷ୍ୟନିଧି ପାଣ୍ଠି ଆୟୁକ୍ତଙ୍କ ନିକଟକୁ ପଠାଇ ଦିଆଯାଇଛି । ଯଦି ଦାୟିତ୍ୱ ପୂର୍ବରୁ ଜମା ହୋଇଥିବା ପରିମାଣ ଠାରୁ କମ୍ ହୋଇଯାଏ, ତେବେ ଅପିଲକାରୀ ଭବିଷ୍ୟନିଧି ପାଣ୍ଠି ଆୟୁକ୍ତଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଏହି

ଅଭାବ ଭରଣା କରିବେ । ଯଦି ଏହା ଅଧିକ ବୋଲି ଜଣାପଡ଼େ, ତେବେ ଆଞ୍ଚଳିକ ଭବିଷ୍ୟନିଧି ପାଣ୍ଠି ଆୟୁକ୍ତ ଏହି ରାଶି ଫେରସ୍ତ କରିବେ ।

ସେହି ଅନୁଯାୟୀ ଅପିଲଟିର ସମାଧାନ କରାଗଲା । କୌଣସି ଖର୍ଚ୍ଚ ବିନା ।

ଜି. ଏନ୍.

ଆବେଦନ ଖାରଜ ହୋଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***

କ୍ରିଷ୍ଣା ଦାଶ

ଅନୁବାଦିକା

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।